# NATIONAL NEWS BULLETIN (ODIA)

## 3 May - 2024

## Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ଆଜି ହେଉଛି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ।

– ଆସନ୍ତା ୭ ତାରିଖ ଦିନ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ହେବ ମତଦାନ ।

- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଦେଶବାସୀଙ୍କର ତାଙ୍କ ପ୍ରତି ଥିବା ଆଶା ଓ ବିଶ୍ୱାସ ଏବେ ଗ୍ୟାରେଣ୍ଟିରେ ପରିଣତ ହୋଇଛି ।
- ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ସପ୍ତମ ଯୁଗ୍ମ ପ୍ରତିରକ୍ଷା ସହଯୋଗ କମିଟି ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ।
- ଚୀନ୍ ପକ୍ଷରୁ ସାକ୍ସଗାମ୍ ଉପତ୍ୟକାରେ ନିର୍ମାଣ କାର୍ଯ୍ୟକଳାପ ସମ୍ପର୍କିତ ତଥ୍ୟ ବଦଳାଇବାକୁ କରାଯାଉଥିବା ବେଆଇନ୍ ଉଦ୍ୟମ ବିରୋଧରେ ଭାରତ ଦୃଢ଼ ପ୍ରତିବାଦ କରିଛି ।

ଏବଂ

- ଆଇପିଏଲ୍‌ରେ ଗତକାଲି ସନ୍‌ରାଇଜର୍ସ ହାଇଦ୍ରାବାଦ୍ ରାଜସ୍ଥାନ ରୟାଲ୍ସକୁ ୧ରନ୍‌ରେ ପରାସ୍ତ କରିଛି ।

– ଆଜି କୋଲକାତା ନାଇଟ୍ ରାଇଡର୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ହେବ ମୁକାବିଲା ।

# ଫିଫ୍‌ଥ ଫେଜ୍ ନୋମିନେସନ୍

ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ଆଜି ହେଉଛି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ । ଆସନ୍ତାକାଲି ଏହି ପ୍ରାର୍ଥୀପତ୍ର ଗୁଡ଼ିକ ଯାଞ୍ଚ କରାଯିବ । ମନୋନୟନପତ୍ର ପ୍ରତ୍ୟାହାରର ଶେଷ ଦିନ ହେଉଛି ଆସନ୍ତା ସୋମବାର ।

ଅନ୍ୟ ପକ୍ଷରେ ତୃତୀୟ ପର୍ଯ୍ୟାୟରେ ୧୦ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୯୩ଟି ଲୋକସଭା ଆସନ ଲାଗି ଆସନ୍ତା ୭ ତାରିଖ ଦିନ ଭୋଟଗ୍ରହଣ ଅନୁଷ୍ଠିତ ହେବ । ସେଗୁଡ଼ିକ ହେଲା – ଆସାମ, ବିହାର, ଛତିଶଗଡ଼, ଗୋଆ, ଗୁଜରାଟ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଜାମ୍ମୁ କାଶ୍ମୀର ଏବଂ ଦାଦରା ନଗର ହାବେଳି ଓ ଡାମ୍ ଡିଉ ।

# କ୍ୟାମ୍ପେନିଂ

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ଗରିବ, ମହିଳା, ଚାଷୀ, ଯୁବବର୍ଗ ଓ ଗ୍ରାମବାସୀଙ୍କ ସମେତ ପ୍ରତ୍ୟେକ ନାଗରୀକଙ୍କୁ ସଶକ୍ତ କରିବା ଦିଗରେ କାର୍ଯ୍ୟ କରିଛନ୍ତି । ଗତକାଲି ମଧ୍ୟପ୍ରଦେଶର ସାଗର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସିରୋଞ୍ଜ ଠାରେ ଆୟୋଜିତ ଏକ ନିର୍ବାଚନୀ ସମାବେଶରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ନଡ୍ଡା ଅର୍ଥନୀତି କ୍ଷେତ୍ରରେ କେନ୍ଦ୍ର ସରକାର ହାସଲ କରିଥିବା ସଫଳତା ଉପରେ ଆଲୋକପାତ କରି କହିଛନ୍ତି, ୧୦ ବର୍ଷ ଆଗରୁ ଭାରତ ବିଶ୍ୱର ଏକାଦଶ ଅର୍ଥ ବ୍ୟବସ୍ଥା ରୂପେ ପରିଗଣିତ ହେଉଥିବା ବେଳେ ବର୍ତ୍ତମାନ ପଞ୍ଚମ ସ୍ଥାନରେ ରହିଛି । ବିଜେପି ସରକାର ପୁନର୍ବାର କେନ୍ଦ୍ରରେ କ୍ଷମତାକୁ ଆସିଲେ ଭାରତ ଖୁବ୍ ଶୀଘ୍ର ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥ ବ୍ୟବସ୍ଥା ରୂପେ ପରିଣତ ହେବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ଏହି ଅବସରରେ ଶ୍ରୀ ନଡ୍ଡା ମଧ୍ୟପ୍ରଦେଶର ସାମଗ୍ରୀକ ବିକାଶ ଦିଗରେ କେନ୍ଦ୍ର ସରକାର ଗତ ୧୦ ବର୍ଷ ମଧ୍ୟରେ ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ ।

ବିଜେପିର ବରିଷ୍ଠ ନେତା ରାଜନାଥ ସିଂହ ଗତକାଲି ବିହାରର ଚାପ୍ରା ଓ ସୁପଲରେ ପୃଥକ ପୃଥକ ନିର୍ବାଚନୀ ର୍ୟାଲି କରି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଛନ୍ତି । ବିହାରରେ ଆର୍‌.ଜେ.ଡି.ର ପୂର୍ବ କାର୍ଯ୍ୟକଳାପ ପ୍ରତି ଜନସାଧାରଣ ସମ୍ପୂର୍ଣ୍ଣ ସଚେତନ ଅଛନ୍ତି ବୋଲି ସେ କହିଛନ୍ତି ।

ଅନ୍ୟ ପକ୍ଷରେ ଆର୍‌.ଜେ.ଡି. ନେତା ତେଜସ୍ୱୀ ପ୍ରସାଦ ଯାଦବ ସମସ୍ତିପୁର, ସାହାର୍‌ସା ଏବଂ ଆରାରିୟା ଠାରେ ମହାମେଣ୍ଟର ପ୍ରାର୍ଥୀଙ୍କ ସପକ୍ଷରେ ବିଭିନ୍ନ ଜନସମାବେଶରେ ଉଦ୍‌ବୋଧନ ଦେଇଛନ୍ତି । ବିଜେପି ଦେଶର ସମ୍ବିଧାନ ଏବଂ ସଂରକ୍ଷଣ ନୀତିକୁ ପରିବର୍ତ୍ତନ କରିବା ଲାଗି ଉଦ୍ୟମ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି ।

ଏହାଛଡ଼ା କଂଗ୍ରେସ ନେତା ତଥା ଦଳର ଜାତୀୟ ମୁଖପାତ୍ର ଆଲୋକ ଶର୍ମା ସମସ୍ତିପୁରରେ କହିଛନ୍ତି, ଗତ ଦୁଇଟି ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ଜନସାଧାରଣଙ୍କ ତାଙ୍କ ଦଳ ନେତୃତ୍ୱାଧୀନ ମହାମେଣ୍ଟ ପ୍ରତି ସମର୍ଥନ ରହିଥିବା ଦୃଷ୍ଟିରୁ ବିଜେପି ଭୟଭୀତ ହୋଇପଡ଼ିଛି ।

## ପିଏମ୍‌-କୋଲକାତା

ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ଗତକାଲି ସନ୍ଧ୍ୟାରେ କୋଲକାତାରେ ପହଞ୍ଚିଛନ୍ତି । ପଶ୍ଚିମବଙ୍ଗ ରାଜ୍ୟପାଳ  ସି.ଭି. ଆନନ୍ଦ ବୋଷ

ତାଙ୍କୁ ରାଜଭବନ ଠାରେ ସ୍ୱାଗତ କରିଥିଲେ । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ଆଜି ରାଜ୍ୟର କ୍ରିଷ୍ଣନଗର, ପୂର୍ବ ବର୍ଦ୍ଧମାନ ଏବଂ ବୋଲପୁର ଲୋକସଭା ନିର୍ବାଚନ ମଣ୍ଡଳୀରେ ତିନୋଟି ପୃଥକ ପୃଥକ ନିର୍ବାଚନୀ ସଭାରେ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

# ଦିଲ୍ଲୀ-ନୋମିନେସନ୍

ଷଷ୍ଠ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଅବସରରେ ଦିଲ୍ଲୀର ୭ଟି ଯାକ ଲୋକସଭା ଆସନ ଲାଗି ଏକକ ପର୍ଯ୍ୟାୟରେ ଆସନ୍ତା ୨୫ ତାରିଖ ଦିନ ମତଦାନ କରାଯିବ । ଏଥିଲାଗି ବର୍ତ୍ତମାନ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି । ଗତକାଲି ଚତୁର୍ଥ ଦିନରେ  ମୋଟ୍ ୨୩ ଜଣ ପ୍ରାର୍ଥୀ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି । ପଶ୍ଚିମ ଦିଲ୍ଲୀ ଲୋକସଭା ଆସନ ଲାଗି ବିଜେପି ପ୍ରାର୍ଥୀ କମଲଜିତ୍ ଶେରାୱତ୍ ଗତକାଲି ତାଙ୍କର ନାମାଙ୍କପତ୍ର ଦାଖଲ କରିଛନ୍ତି । ଦକ୍ଷିଣ ଦିଲ୍ଲୀର ବିଜେପି ପ୍ରାର୍ଥୀ ରାମବୀର ସିଂହ ବିଧୁରି ବିଜେପିର ବରିଷ୍ଠ ନେତା ତଥା ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମିଙ୍କ ଉପସ୍ଥିତିରେ ଆଜି ମନୋନୟନପତ୍ର ଦାଖଲ କରିବେ । ସେହିଭଳି ପଶ୍ଚିମ ଦିଲ୍ଲୀର କଂଗ୍ରେସ ପ୍ରାର୍ଥୀ ଉଦିତ୍ ରାଜ ନିଜ ନାମାଙ୍କନପତ୍ର ଦିଲ୍ଲୀ କଂଗ୍ରେସ ସଭାପତି ଦେବେନ୍ଦ୍ର ଯାଦବଙ୍କ ଉପସ୍ଥିତିରେ ଆଜି ଦାଖଲ କରିବେ । ଆସନ୍ତା ୬ ତାରିଖ ହେଉଛି

ମନୋନୟନପତ୍ର ଦାଖଲର ଶେଷ ଦିବସ । ଆସନ୍ତା ଜୁନ୍ ୪ ତାରିଖ ଦିନ ଭୋଟ ଗଣତି କରାଯିବ ।

ଏହି ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ, କର୍ମୀ ଓ ନେତୃବୃନ୍ଦ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ର୍‍ୟାଲି, ରୋଡ୍ ଶୋ’ ତଥା ଜନସମାବେଶମାନ କରିବା ସହିତ ଘରକୁ ଘର ବୁଲି ଜନସାଧାରଣଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ଦିଗରେ ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପିଏମ୍-ଇଣ୍ଟରଭ୍ୟୁ

ବିଜେପିର ବିରଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଦେଶବାସୀଙ୍କର ତାଙ୍କ ପ୍ରତି ଥିବା ଆଶା ଓ ବିଶ୍ୱାସ ଏବେ ଗ୍ୟାରେଣ୍ଟିରେ ପରିଣତ ହୋଇଛି । ଗତକାଲି ଏକ ସମ୍ବାଦ ଚ୍ୟାନେଲ୍‌କୁ ସାକ୍ଷାତକାର ଦେବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ତାଙ୍କ ସରକାରଙ୍କ କଠିନ ପରିଶ୍ରମ, ସ୍ୱଚ୍ଛତା, କାର୍ଯ୍ୟ ଦକ୍ଷତା ଏବଂ ସ୍ଥିରତା ଯୋଗୁଁ ଏହା ସମ୍ଭବ ହୋଇପାରିଛି ।

ଅନ୍ୟ ପକ୍ଷରେ କଂଗ୍ରେସ ଦଳ ଭାରତର ସମ୍ବିଧାନକୁ ବିଜେପି ପରିବର୍ତ୍ତନ କରିଦେବ ବୋଲି ଅପପ୍ରଚାର କରୁଥିବା ସମ୍ପର୍କରେ ଶ୍ରୀ ମୋଦୀ ଅଭିଯୋଗ

କରିଛନ୍ତି । ସେ କହିଛନ୍ତି, ଯଦି ଜନସାଧାରଣ କଂଗ୍ରେସ ଦଳର ଇତିହାସକୁ ଦେଖିବେ ତେବେ ଏହି ଦଳ ସମ୍ବିଧାନର ପବିତ୍ରତାକୁ ବିଶ୍ୱାସ କରେ ନାହିଁ ବୋଲି ଅନୁଭବ କରିପାରିବେ । କଂଗ୍ରେସର ନିର୍ବାଚନୀ ଇସ୍ତାହାରରେ ମୁସ୍‌ଲିଗ୍‌ର ଚିନ୍ତାଧାରା ପ୍ରତିଫଳିତ ହେବା ସହିତ ଏହାର ଏକ ଲୁକ୍କାୟିତ କାର୍ଯ୍ୟସୂଚୀ ରହିଥିବା ସ୍ପଷ୍ଟ ହେଉଛି ବୋଲି ଶ୍ରୀ ମୋଦୀ ଅଭିଯୋଗ କରିଛନ୍ତି ।

## ଇଣ୍ଡିଆ-ଇଣ୍ଡୋନେସିଆ ଡିଫେନ୍ସ

ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ସପ୍ତମ ଯୁଗ୍ମ ପ୍ରତିରକ୍ଷା ସହଯୋଗ କମିଟି ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଏହି ବୈଠକରେ ପ୍ରତିରକ୍ଷା ସଚିବ ଗିରିଧର ଅର୍‌ମାନେ ଏବଂ ଇଣ୍ଡୋନେସିଆର ପ୍ରତିରକ୍ଷା ମହାସଚିବ ତଥା ଅବସରପ୍ରାପ୍ତ ଏୟାର ମାର୍ଶାଲ ଡୋନି ଏରମାୱାନ୍ ତୌଫାଣ୍ଟୋ ମିଳିତ ଭାବେ ଅଧ୍ୟକ୍ଷତା କରିବେ। ଗତକାଲିଠାର ତିନିଦିନିଆ ଭାରତ ଗସ୍ତରେ ଆସିଥିବା ଇଣ୍ଡୋନେସିଆ ପ୍ରତିରକ୍ଷା ମହାସଚିବ' ନୂଆଦିଲ୍ଲୀ ଏବଂ ପୁଣେରେ ଥିବା ଭାରତୀୟ ପ୍ରତିରକ୍ଷା ଶିଳ୍ପ ଗୋଷ୍ଠୀ ସହ ମଧ୍ୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ଚୁକ୍ତିନାମା ୨୦୦୧ ମସିହାରେ ସ୍ୱାକ୍ଷରିତ ହୋଇଥିଲା। ବର୍ତ୍ତମାନ ଏଥିରେ ସାମରିକ

ଆଦାନପ୍ରଦାନ, ଉଚ୍ଚସ୍ତରୀୟ ଗସ୍ତ, ଦକ୍ଷତା ବୃଦ୍ଧି ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଜାତିସଂଘ ଶାନ୍ତି ରକ୍ଷା, ଜାହାଜ ପରିଦର୍ଶନ ଏବଂ ଦ୍ୱିପାକ୍ଷିକ ବୁଝାମଣାରେ ଅନ୍ତର୍ଭୁକ୍ତ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ୨୦୧୮ରେ ଭାରତ ଏବଂ ଇଣ୍ଡୋନେସିଆ ସମ୍ପର୍କକୁ ବ୍ୟାପକ ରଣନୈତିକ ଭାଗିଦାରୀରେ ପରିଣତ କରାଯାଇଛି ଏବଂ ଏହାଦ୍ୱାରା ପ୍ରତିରକ୍ଷା ଶିଳ୍ପ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନୂତନ ସହଯୋଗ ପାଇଁ ପଥ ପ୍ରଶସ୍ତ ହୋଇଛି।

## ରଣଧୀର ଜୟଶ୍ୱାଲ୍

ଚୀନ୍ ପକ୍ଷରୁ ସାକ୍ସଗାମ୍ ଉପତ୍ୟକାରେ ନିର୍ମାଣ କାର୍ଯ୍ୟକଳାପ ସମ୍ପର୍କିତ ତଥ୍ୟ ବଦଳାଇବାକୁ କରାଯାଉଥିବା ବେଆଇନ୍ ଉଦ୍ୟମ ବିରୋଧରେ ଭାରତ ଦୃଢ଼ ପ୍ରତିବାଦ କରିଛି । ଗତ ସନ୍ଧ୍ୟାରେ ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟଶ୍ୱାଲ୍ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ସାକ୍ସଗାମ୍ ଉପତ୍ୟକାକୁ ଭାରତ ନିଜର ଅଞ୍ଚଳ ଭାବେ ସର୍ବଦା ବିବେଚନା କରେ । ୧୯୬୩ରେ ହୋଇଥିବା ତଥାକଥିତ ଚୀନ୍-ପାକିସ୍ତାନ ସୀମା ରାଜିନାମା ମାଧ୍ୟମରେ ପାକିସ୍ତାନ ବେଆଇନ୍ ଭାବେ ଏହି ଉପତ୍ୟକାକୁ ଚୀନ୍‌କୁ ହସ୍ତାନ୍ତର କରିବାର ଉଦ୍ୟମକୁ ଭାରତ କଦାପି ଗ୍ରହଣ କରିନାହିଁ । ଏହି ବେଆଇନ୍ ଉଦ୍ୟମ ବିରୋଧରେ ଭାରତ ବେଜିଂ ନିକଟରେ ଦୃଢ଼ ପତିପାଦ ଜଣାଇଛି । ନିଜର ସ୍ୱାର୍ଥକୁ ସୁରକ୍ଷିତ ରଖିବା

ଦିଗରେ ଭାରତ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତ ବୋଲି ଶ୍ରୀ ଜୟଶ୍ୱାଲ୍ ସ୍ପଷ୍ଟ କରିଛନ୍ତି ।

## ଏୟାର ଇଣ୍ଡିଆ- ଅପରେଟ୍ ଏ୩୫୦

ବିମାନ ସେବା କ୍ଷେତ୍ରରେ ନୂଆ ଏୟାରବସ୍ ଏ୩୫୦-୯୦୦ ଉଡ଼ାଣ କରି ଭାରତ ଏକ ସ୍ୱତନ୍ତ୍ର ସଫଳତା ହାସଲ କରିଛି। ଏୟାର ଇଣ୍ଡିଆ ଗତ ଦୁଇଦିନ ହେଲା ବ୍ୟସ୍ତବହୁଳ ଦିଲ୍ଲୀ-ଦୁବାଇ ବିମାନ ସେବା କ୍ଷେତ୍ରରେ ଏହି ବିମାନର ଉଡ଼ାଣ ଆରମ୍ଭ କରିଛି। ଏଥି ସହିତ ଭାରତ ଓ ଦୁବାଇ ମଧ୍ୟରେ ଏ-୩୫୦ ବିମାନ ଚଳାଚଳ କରିବାରେ ଏୟାର ଇଣ୍ଡିଆ ଏକମାତ୍ର ଏୟାରଲାଇନ୍ସ ଭାବେ ମାନ୍ୟତା ପାଇଛି।

ଏୟାର ଇଣ୍ଡିଆର ନୂଆ ପୋଷାକରେ ସ୍ଥାନିତ ହୋଇଥିବା ଏହି ବିମାନର ଚିତ୍ରକୁ ଉଭୟ ବିମାନ ବନ୍ଦରରେ ଉଡ଼ାଣ ପୂର୍ବରୁ ଉତ୍ସବ ପାଳନ କରି ସ୍ୱାଗତ କରାଯାଇଥିଲା। ଏୟାର ଇଣ୍ଡିଆ ବର୍ତ୍ତମାନ ଭାରତର ପାଞ୍ଚଟି ସହରରୁ ଦୁବାଇକୁ ମୋଟ ୭୨ଟି ସାପ୍ତାହିକ ବିମାନ ଚଳାଚଳ କରୁଛି ଏବଂ ସେଥିରେ ଦିଲ୍ଲୀରୁ ୩୨ଟି ବିମାନ ରହିଛି।

# ଆଇପିଏଲ୍

ଆଇପିଏଲ୍‌ରେ ଗତକାଲି ରାତିରେ ହାଇଦ୍ରାବାଦ୍‌ରେ ଅନୁଷ୍ଠିତ ଏକ ରୋମାଞ୍ଚକର ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ରାଜସ୍ଥାନ ରୟାଲ୍ସକୁ ୧ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ୍ ହରାଇ ୨୦୧ରନ୍ କରିଥିଲା । ଦଳ ପକ୍ଷରୁ ନୀତିଶ କୁମାର ୪୨ଟି ବଲ୍‌ରୁ ୭୬ରନ୍ କରି ଅପରାଜିତ ଥିଲେ । ସେହିଭଳି ଟ୍ରାଭିସ୍ ହେଡ୍ ୪୨ଟି ବଲ୍‌ରୁ ୫୮ରନ୍ କରିଥିଲେ । ୨୦୨ରନ୍ ବିଜୟଲକ୍ଷ୍ୟର ପିଛା କରି ରାଜସ୍ଥାନ ରୟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୨୦୦ରନ୍ କରିବାକୁ ସକ୍ଷମ ହୋଇଥିଲା । ରାଜସ୍ଥାନ ରୟାଲ୍ସ ବିଜୟ ପାଇଁ ଦୁଇ ରନ୍ ଆବଶ୍ୟକ କରୁଥିବା ବେଳେ ମ୍ୟାଚ୍‌ର ଶେଷ ବଲ୍‌ରେ ହାଇଦ୍ରାବାଦ୍ ପକ୍ଷରୁ ଭୁବନେଶ୍ୱର କୁମାର' ରୋବ୍‌ମ୍ୟାନ୍ ପାୱେଲଙ୍କ ୱିକେଟ୍ ଅକ୍ତିଆର କରି ଦଳକୁ ବିଜୟୀ କରାଇଥିଲେ । ରାଜସ୍ଥାନ ରୟାଲ୍ସ ପକ୍ଷରୁ ରିଆନ୍ ପରାଗ ୪୯ଟି ବଲ୍‌ରୁ ୭୭ରନ୍ କରିଥିବା ବେଳେ ଓପନର୍ ଜସସ୍ୱୀ ଜୟସ୍ୱାଲ୍ ୪୦ଟି ବଲ୍‌ରୁ ୬୭ରନ୍ ସଂଗ୍ରହ କରିଥିଲେ ।

ଗତକାଲି ପରାଜୟ ହେବା ସତ୍ତ୍ୱେ ରାଜସ୍ଥାନ ରୟାଲ୍ସ ପଏଣ୍ଟ ଟେବୁଲ୍‌ର ସର୍ବୋଚ୍ଚ ସ୍ଥାନ ବଜାୟ ରଖିଛି । ଅନ୍ୟ ପକ୍ଷରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍

ଚତୁର୍ଥ ସ୍ଥାନରେ ଥିବା ବେଳେ କୋଲକାତା ନାଇଟ୍ ରାଇଡର୍ସ ଦ୍ୱିତୀୟ ଓ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ତୃତୀୟ ସ୍ଥାନରେ ରହିଛି ।

ଆଜି ଆଇପିଏଲ୍‌ର ମୁମ୍ବାଇର ଓ୍ୱାଙ୍ଖେଡ଼େ ଷ୍ଟାଡିୟମ୍ ଠାରେ କୋଲକାତା ନାଇଟ୍ ରାଇଡର୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।